# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**13 April - 2026**

*************************************

## ମୁଖ୍ୟ ସମ୍ବାଦ

- ମହିଳାଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ଏବଂ ସେମାନଙ୍କୁ ସଶକ୍ତ କରିବା ପାଇଁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ

– ନୂଆଦିଲ୍ଲୀରେ ନାରୀ ଶକ୍ତି ବନ୍ଦନ ସମ୍ମିଳନୀକୁ କଲେ ସମ୍ବୋଧନ

- କେନ୍ଦୁଝରଠାରେ ଆଜି ୧ହଜାର ୫୮୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବଡ଼ବିଲ ବାଇପାସ୍ ରିଙ୍ଗରୋଡ୍ ପ୍ରକଳ୍ପର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

- ପୁରୀ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟ ଜାରି

ଏବଂ

- ଭୁବନେଶ୍ୱରର ଆଜି ପାଳନ କରୁଛି ୭୮ତମ ପ୍ରତିଷ୍ଠା ଦିବସ

Desk

# ପିଏମ୍-ନାରୀଶକ୍ତି ବନ୍ଦନ

ମହିଳାଙ୍କ ଯୋଗଦାନ ଫଳରେ ଦେଶର ଗଣତନ୍ତ୍ର ସୁଦୃଢ଼ ହେଉଥିବାରୁ ଗଣତାନ୍ତ୍ରିକ ଢ଼ାଞ୍ଚାରେ ସେମାନଙ୍କ ଲାଗି ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁତ୍ୱ ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀରେ ଆଜି  ନାରୀଶକ୍ତି ବନ୍ଦନ ସମ୍ମିଳନୀକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ' ମହିଳାଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ଏବଂ ସେମାନଙ୍କୁ ସଶକ୍ତ କରିବା ଲାଗି ଆହ୍ୱାନ ଦେଇଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଭାରତ ଏକବିଂଶ ଶତାବ୍ଦୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିବାକୁ ଯାଉଛି ଏବଂ ସେହି ନିଷ୍ପତ୍ତି ମହିଳାମାନଙ୍କ ସଶକ୍ତିକରଣ ପ୍ରତି ଉତ୍ସର୍ଗୀକୃତ । ଶ୍ରୀ ମୋଦୀ କହିଛନ୍ତି, ବିଧାନସଭାଠାରୁ ଆରମ୍ଭ କରି ସଂସଦ ପର୍ଯ୍ୟନ୍ତ ବହୁଦିନର ପ୍ରତୀକ୍ଷିତ ପ୍ରସଙ୍ଗ ଆସନ୍ତା ୧୬,୧୭ ଓ ୧୮ ତାରିଖରେ ପୂର୍ଣ୍ଣତାରେ ପରିଣତ ହେବ । ଶ୍ରୀ ମୋଦୀ କହିଛନ୍ତି, ୨୦୨୩ରେ ନବନିର୍ମିତ ସଂସଦ ଭବନରେ ନାରୀଶକ୍ତି ବନ୍ଦନ ଅଧିନିୟମର ପ୍ରଥମ ପଦକ୍ଷେପ ଭାବରେ ସରକାର ଯେଉଁ ନିଷ୍ପତ୍ତି ଗ୍ରହଣ କରିଥିଲେ, ତାହା କାର୍ଯ୍ୟରେ ପରିଣତ ହେବାକୁ ଯାଉଛି ।

**V/O PM– ON 2029**

ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶରେ ମହିଳାମାନଙ୍କ ନେତୃତ୍ୱର ବଳିଷ୍ଠ ଉଦାହରଣ ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥା । ଭାରତରେ ସ୍ୱାୟତ୍ତଶାସନ ବ୍ୟବସ୍ଥାରେ ୧୪ଲକ୍ଷରୁ ଅଧିକ ମହିଳା ସେମାନଙ୍କ ଭୂମିକା ନିର୍ବାହ କରୁଛନ୍ତି। ୨୦୧୪ ପରଠାରୁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସରକାର ମହିଳାମାନଙ୍କୁ ଜୀବନର ପ୍ରତ୍ୟେକଟି କ୍ଷେତ୍ରରେ ସହାୟତା କରିବା ଲାଗି ସଫଳ ଭାବେ ଅନେକ ଯୋଜନା ପ୍ରଣୟନ କରିଛନ୍ତି ।

ଏହି ଅବସରରେ କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ମହିଳାଙ୍କ ସଶକ୍ତିକରଣ, ଆତ୍ମସମ୍ମାନ ଏବଂ ଗଣତାନ୍ତ୍ରିକ ଭାଗିଦାରୀ କ୍ଷେତ୍ରରେ ନାରୀଶକ୍ତି ବନ୍ଦନ ଅଧିନିୟମର ଗୁରୁତ୍ୱ ସଂପର୍କରେ କହିଛନ୍ତି ।

Ganjam

## ନାରୀ ଶକ୍ତି ବନ୍ଦନ

ସଂସଦରେ ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ନାରୀ ଶକ୍ତି ବନ୍ଦନ ଅଧିନିୟମ ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରଠାରେ ଏକ ପଦଯାତ୍ରା ଆଜି ଅନୁଷ୍ଠିତ ହୋଇଯାଇଛି। ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍‌ଠାରୁ ବାହାରି ଥିବା ଏହି ପଦଯାତ୍ରା ଖଲ୍ଲିକୋଟ କଲେଜ ପଡ଼ିଆଠାରେ ପହଁଞ୍ଚିଥିଲା। ସେଠାରେ ଆୟୋଜିତ ଜନସମାବେଶରେ ଯୋଗଦେଇ ସାଂସଦ ଅନିତା ଶୁଭଦର୍ଶିନୀ ନାରୀ ଶକ୍ତି ବନ୍ଦନ ଅଧିନିୟମ ଉପରେ ଆଲୋକପାତ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିଶୁ ସୁରକ୍ଷା ଅଧିକାର ଆୟୋଗର ଅଧ୍ୟକ୍ଷ ବବିତା ପାତ୍ର ଯୋଗଦେଇ ଏହି ଅଧିନିୟମ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି କହିଛନ୍ତି। ସମାଜର ବିଭିନ୍ନ ବର୍ଗର ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଯୋଗଦେଇ ଅଧିନିୟମ ଏବଂ ସରକାରଙ୍କ ଅଙ୍ଗୀକାରବଦ୍ଧତା ଉପରେ ଆଲୋକପାତ କରିଛନ୍ତି।

Desk

## ମୁଖ୍ୟମନ୍ତ୍ରୀ– ସମୃଦ୍ଧ ଓଡ଼ିଶା

ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଜିଲ୍ଲାଗୁଡ଼ିକର ସମୃଦ୍ଧି ନିତ୍ୟାନ୍ତ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କେନ୍ଦୁଝର ଜିଲ୍ଲାରେ ଆଜି ୧ ହଜାର ୫୮୧ କୋଟି ୨୧ ଲକ୍ଷ ଟଙ୍କା ବ୍ୟୟରେ ବଡ଼ବିଲ୍ ବାଇପାସ ରିଙ୍ଗରୋଡ୍ ପ୍ରକଳ୍ପର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ବାଇପାସ ଜନସାଧାରଣଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ କରିବ। ବାଇପାସର ନିର୍ମାଣ ଶୈଳୀ ଅତ୍ୟନ୍ତ ଉଚ୍ଚକୋଟିର କରାଯିବ। ଏଥିରେ ଦୈନିକ ୪୦ ହଜାର ଚାରିଚକିଆଯାନ ଯାତାୟାତ କରିବାର କ୍ଷମତା ରହିବ। ସହରରେ ଶାନ୍ତିପୂର୍ଣ୍ଣ, ନିରାପଦ ଯାତାୟାତ, ପ୍ରଦୂଷଣ ହ୍ରାସ ଓ ଦୁର୍ଘଘଟଣାକୁ ବହୁମାତ୍ରାରେ ହ୍ରାସ କରାଯାଇପାରିବ। ବଡ଼ବିଲ ସହର ପାଇଁ ୧୮ କିଲୋମିଟର ୩୨୬ ମିଟର ରିଙ୍ଗରୋଡ୍ ମୁଖ୍ୟମନ୍ତ୍ରୀ ଆଜି ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୩୨୬ କୋଟି

ଟଙ୍କାରେ ୫୧ଟି ପ୍ରକଳ୍ପର ଶିଳାନ୍ୟାସ ଓ ୩୦ କୋଟି ଟଙ୍କା ବ୍ୟୟରେ ୨୬ଟି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ପ୍ରତ୍ୟେକ ଅଞ୍ଚଳର ଉନ୍ନତି ହେଲେ ରାଜ୍ୟ ପ୍ରଗତି ପଥରେ ଆଗେଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

**- V/O –**

Puri

## ଶ୍ରୀମନ୍ଦିର ଗଣତି ମଣତି

ପୁରୀ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟ ଆଜିଠାରୁ ଆରମ୍ଭ ହୋଇଛି । ସକାଳ ଧୂପନୀତି ପରେ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହିତ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ ସୂଚାରୁଭାବେ ଗଣତି ମଣତି ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଜିଲ୍ଲା ଟ୍ରେଜେରୀରୁ ଭିତର ଭଣ୍ଡାର ଘରଚାବି ଅଣାଯିବା ସହିତ ଏହାକୁ ଖୋଲା ଯାଇଥିଲା । ୧୯୭୮ ମସିହା ଗଣତି ଅନୁଯାୟୀ ଭିତର ରତ୍ନଭଣ୍ଡାରରେ ୩୬୭ ପ୍ରକାରର ସୁନା ଏବଂ ୨୩୧ ପ୍ରକାରର ରୁପା ଅଳଙ୍କାର ଥିବା ତାଲିକା ରହିଛି । ସେହି ତାଲିକା ସହିତ ଗଣତି କରାଯାଇ ମେଳକ କରାଯିବ । ସମସ୍ତ ଅଳଙ୍କାରଗୁଡ଼ିକର ଭିଡିଓ ଓ ଫଟୋଗ୍ରାଫି ସମେତ ଥ୍ରୀଡି ମ୍ୟାପିଂ ହେବ । ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକଙ୍କ ସମେତ ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ପୁରୀ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ସେବାୟତ ସଦସ୍ୟମାନେ ଗଣତିରେ ସହଯୋଗ କରୁଛନ୍ତି । ଏହି ସମୟରେ ବାହାର କାଠ ନିକଟରୁ ଭକ୍ତମାନେ ଶ୍ରୀଜୀଉଙ୍କୁ ଦର୍ଶନ କରୁଛନ୍ତି ।

Desk

# ଭୁବନେଶ୍ୱର - ପ୍ରତିଷ୍ଠା ଦିବସ

ଭୁବନେଶ୍ୱର ଆଜି ତା'ର ୭୮ତମ ପ୍ରତିଷ୍ଠାତ ଦିବସ ପାଳନ କରୁଛି । ୧୯୪୮ ମସିହା ଆଜିର ଦିନରେ ଭୁବନେଶ୍ୱରରେ ଓଡ଼ିଶାର ରାଜଧାନୀ ପ୍ରତିଷ୍ଠା କରାଯାଇଥିଲା । ଏହି ଅବସରରେ ରାଜଧାନୀରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ବିଧାନସଭା ସମ୍ମୁଖରେ ଥିବା ରାଜଧାନୀ ଶିଳାନ୍ୟାସରେ ବାଚସ୍ପତି ସୁରମା ପାଢ଼ି ମାଲ୍ୟାର୍ପଣ ଦେବା ସହିତ ପତାକା ଉତ୍ତୋଳନ କରିଛନ୍ତି। ଭୁବନେଶ୍ୱର ମେୟର, କମିଶନର, ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ବିଧାୟକମାନେ ଉପସ୍ଥିତ ଥିଲେ। ପରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ପରେଡ୍ ପ୍ରଦର୍ଶନ ହୋଇଥିଲା। ଏଥିରେ ୫୦ଟି କଣ୍ଟିଜେଣ୍ଟ ସାମିଲ ହୋଇଥିଲେ। ଲିଙ୍ଗରାଜ ମନ୍ଦିରରେ ଏକ ମଶାଲ ଶୋଭାଯାତ୍ରା ସଭାସ୍ଥଳିରେ ପହଁଞ୍ଚିଥିଲା। ଚଳିତ ବର୍ଷ ଦୁଇଦିନ ଧରି ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କରାଯିବ। ପ୍ରତିଷ୍ଠା ଦିବସ ଲପଲକ୍ଷେ ବିଏମ୍‌ସି ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜୟଦେବ ଭବନରେ ଏକ ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଛି।

ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରାଚୀନ ଏକାମ୍ର କ୍ଷେତ୍ରର ଶୈବ ସଂସ୍କୃତି ସହିତ ଆଧୁନିକତାର ସମନ୍ୱୟ ହେଉଛି ରାଜଧାନୀ ଭୁବନେଶ୍ୱର ବୋଲି ଶ୍ରୀ ମାଝୀ ବର୍ଣ୍ଣନା କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ପର୍ଯ୍ୟଟନ, ପ୍ରଯୁକ୍ତିବିଦ୍ୟା ଆଦି ବିଭିନ୍ନ କ୍ଷେତ୍ରରେ ଭୁବନେଶ୍ୱର ଦେଶର ଏକ ପ୍ରମୁଖ ସହରର ମାନ୍ୟତା ପାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦିବସ ପାଳନ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

HS

## ବିଜୁଳିକାଟ୍

ବିଦ୍ୟୁତ ଦେୟ ପଇଠ କରି ନ ଥିବା ହିତାଧିକାରୀଙ୍କର ମଧ୍ୟ ବିଜୁଳିକାଟ୍ ନ କରିବାକୁ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅଘୋଷିତ ବିଜୁଳିକାଟ୍ ନକରିବାକୁ ମଧ୍ୟ ଶ୍ରୀ ସିଂହଦେଓ ବିତରଣ କମ୍ପାନୀଗୁଡ଼ିକୁ ପରାମର୍ଶ କହିଛନ୍ତି। ତେବେ ମରାମତି ବା ରକ୍ଷଣାବେକ୍ଷଣ ପାଇଁ ବିଦ୍ୟୁତକାଟ୍‌ସ୍ଥଳେ ଉପଭୋକ୍ତାଙ୍କୁ ସୂଚନା ପ୍ରଦାନ କରିବାକୁ ବାଧ୍ୟତାମୂଳକ କରାଯାଇଛି। ସରକାରଙ୍କ ଏହି ଘୋଷଣାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକୁ କୁହାଯାଇଛି।

HS

# ନିଟ୍ ୟୁଜି ପରୀକ୍ଷା

ନିଟ୍ ୟୁଜି ପରୀକ୍ଷା ଆସନ୍ତା ମାସ ୩ ତାରିଖରେ ଅନୁଷ୍ଠିତ ହେବ। ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍.ଟି.ଏ. ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ଜାରି ହୋଇଛି। ଅପରାହ୍ନ ୨ଟାରୁ ୫ଟା ଯାଏଁ ନିର୍ଦ୍ଧାରିତ କେନ୍ଦ୍ରଗୁଡ଼ିକରେ ପରୀକ୍ଷା ଅନୁଷ୍ଠିତ ହେବ।  ଦେଶବ୍ୟାପୀ ୫୫୨ଟି ସହର ଏବଂ ଦେଶ ବାହାରେ ୧୪ଟି ସ୍ଥାନରେ ଏହି ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଏନ୍.ଟି.ଏ. ପକ୍ଷରୁ ସୂଚନା ଦିଆଯାଇଛି।

Nabarangpur/Rayagarh/Subarnpur/Desk

# 'ଆମ ରୁଚି, ଆମ ଖାଦ୍ୟ' କାର୍ଯ୍ୟକ୍ରମ

ଓଡ଼ିଶାର ଗୌରବମୟ ଖାଦ୍ୟ ପରମ୍ପରାକୁ ଆହୁରି ବ୍ୟାପକ କରିବା ପାଇଁ ଓଡ଼ିଆ ପକ୍ଷର ତ୍ରିୟୋଦଶ ଦିବସରେ ଆଜି 'ଆମ ରୁଚି, ଆମ ଖାଦ୍ୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଚେତନାରେ ପାରମ୍ପରିକ ଖାଦ୍ୟ ଏକ ଅବିଚ୍ଛେଦ୍ୟ ଅଙ୍ଗ। ରାଜ୍ୟର ଖାଦ୍ୟ କେବଳ ସ୍ୱାଦ ପାଇଁ ଆଦୃତ ନୁହେଁ। ଏହା ପୃଷ୍ଟି, ପ୍ରୀତି, ବିଜ୍ଞାନର ଅପୂର୍ବ ସମନ୍ୱୟ। ସ୍ଥାନୀୟ ସାମଗ୍ରୀ, ସନ୍ତୁଳିତ ପୋଷଣ ଓ ବିଜ୍ଞାନ ସମ୍ମତ ପାକ ପରମ୍ପରା ଆମ ବ୍ୟଞ୍ଜନକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ସମୃଦ୍ଧ ଖାଦ୍ୟ ପରମ୍ପରାକୁ ସମ୍ମାନ

ଜଣାଇବା ସହିତ ଏହାର ସ୍ୱାଦକୁ ବିଶ୍ୱ ଦରବାରରେ ପହଁଞ୍ଚାଇବା ପାଇଁ କହିଛନ୍ତି ।

ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଅବସରରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

ସୁବର୍ଣ୍ଣପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ୩୦ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଅଂଶଗ୍ରହଣ କରି ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ପ୍ରଦର୍ଶନ କରିଛନ୍ତି ।

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ନବରଙ୍ଗପୁର ଜିଲ୍ଲା ଉମରକୋଟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇଛି ।

DHNKL

## ଜନଗଣନା

ଜନଗଣନା-୨୦୨୭ ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଏକ ସଚେତନତା ରଥ ଢେଙ୍କାନାଳ ଜିଲ୍ଲା ପରିକ୍ରମା କରିବ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଏହି ରଥର ଶୁଭାରମ୍ଭ କରାଯାଇଛି । ତିନିଦିନ ଧରି ଏହି ରଥ ଜିଲ୍ଲାର ସମସ୍ତ ବ୍ଲକ ଏବଂ ତହସିଲ ଅଞ୍ଚଳରେ ପରିକ୍ରମା କରିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

Nabarangpur/Kendrapara

## ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।

କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୭୧ଟି ଅଭିଯୋଗର ଶୁଣାଣି ହୋଇଛି । ୮ଟି ଅଭିଯୋଗର ତ୍ୱରିତ ସମାଧାନ ସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୪ ଜଣଙ୍କୁ ମୋଟ୍ ୧୬ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

ନବରଙ୍ଗପୁର ଜିଲ୍ଲା ଉମରକୋଟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ୧୫ଟି ଅଭିଯୋଗର ଶୁଣାଣି ହୋଇଛି ।

Desk

## ଆଥଲେଟିକ୍ସ ସିରିଜ୍

ରାଞ୍ଚିରେ ଆୟୋଜିତ ଇଣ୍ଡିଆନ୍ ଆଥଲେଟିକ୍ସ ସିରିଜ୍‌ରେ ଓଡ଼ିଆ ଆଥଲେଟ୍ ମୌସୁମୀ ରାୟ ଉତ୍ତମ ପ୍ରଦର୍ଶନ କରି ଉଭୟ ୧୦୦ ଓ ୨୦୦ ମିଟର ଦୌଡ଼ରେ ପ୍ରଥମସ୍ଥାନ ହାସଲ କରିଛନ୍ତି । ୧୦୦ ମିଟରକୁ ୧୧ ଦଶମିକ ୮/୩ ସେକେଣ୍ଡ ଓ ୨୦୦ ମିଟରକୁ ୨୪ ଦଶମିକ ୭/୯ ସେକେଣ୍ଡରେ ଅତିକ୍ରମ କରି ଏହି କୃତିତ୍ୱ ହାସଲ କରିଛନ୍ତି । କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ତାଙ୍କର ଏହି ସଫଳତା ପାଇଁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି ।